# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**28 February - 2025**

**News Editor : Tapan Kumar Maharana**

*********************************

## ମୁଖ୍ୟ ସମ୍ବାଦ

- ୨୦୩୦ ମସିହା ସୁଦ୍ଧା ଯକ୍ଷ୍ମାରୋଗର ସଂପୂର୍ଣ୍ଣ ମୂଳୋତ୍ପାଟନ କରିବା ଲାଗି ସମଗ୍ର ବିଶ୍ୱ ପ୍ରତିଜ୍ଞାବଦ୍ଧ – କହିଲେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ।

- ସୁଭଦ୍ରା ଯୋଜନାର ପ୍ରଥମ ପର୍ଯ୍ୟାୟର ଶେଷ ଓ ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ କିସ୍ତି ପ୍ରଦାନ କରାଯିବ ଆସନ୍ତା ମାସ ୮ ତାରିଖରେ ।

- ରାଜ୍ୟରେ ରାସନ କାର୍ଡ ପାଇବା ଲାଗି ପଞ୍ଜୀକରଣ କରିବା ନିମନ୍ତେ ହିତାଧିକାରୀମାନଙ୍କ ପାଇଁ ଆସନ୍ତାକାଲିଠାରୁ ଖୋଲିବ ସମ୍ପୃକ୍ତ ପୋର୍ଟାଲ ।

- ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ରାଜ୍ୟବାସୀଙ୍କ ଶ୍ରଦ୍ଧାଞ୍ଜଳି ।

ଏବଂ

- ପ୍ରଖ୍ୟାତ ଚଳଚ୍ଚିତ୍ର ଅଭିନେତା ଉତ୍ତମ ମହାନ୍ତିଙ୍କ ଆଜି ଭୁବନେଶ୍ୱରଠାରେ ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସମ୍ପନ୍ନ ହେବ ଶେଷକୃତ୍ୟ ।

***HS***

## ରାଜ୍ୟସ୍ତରୀୟ କିଶୋରୀ କିଶୋର ସମାବେଶ

ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ରାଜ୍ୟ ମହିଳା ଓ ଶିଶୁବିକାଶ ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ ପରିସରରେ ଗତକାଲି ଏବଂ ଆଜି ଦୁଇଦିନ ଧରି ଆୟୋଜିତ ହେଉଛି ରାଜ୍ୟସ୍ତରୀୟ କିଶୋରୀ କିଶୋର ସମାବେଶ । ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଆଜିର ଯୁବତୀମାନେ ଅନ୍ୟ କାହା ଉପରେ ନିର୍ଭର ନ ହୋଇ ଆଗାମୀ ଦିନରେ କିଭଳି ଆତ୍ମନିର୍ଭରଶୀଳ ହୋଇପାରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏହାଛଡ଼ା ନିଜକୁ ଆତ୍ମସୁରକ୍ଷା ଦେବା ସହ ଯତ୍ନଶୀଳ ହେବାକୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ପରାମର୍ଶ ଦେଇଛନ୍ତି । ସମାଜରେ ଚାଲିଥିବା ବାଲ୍ୟବିବାହକୁ ରୋକାଯିବା ସହ ୨୧ ବର୍ଷ ପରେ ବିବାହ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମଧ୍ୟ ସାମିଲ ହୋଇଥିଲେ ।

***Puri***

## ନବମ ସ୍ୱାସ୍ଥ୍ୟ ମିଶନ ଜାତୀୟ ସମ୍ମିଳନୀ

ଦେଶରୁ ଚଳିତବର୍ଷ ଶେଷ ସୁଦ୍ଧା ଯକ୍ଷ୍ମାରୋଗର ମୂଳୋତ୍ପାଟନ ଦିଗରେ କେନ୍ଦ୍ର ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି. ନଡ୍ଡା କହିଛନ୍ତି । ଆଜି ପୁରୀଠାରେ ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ଉତ୍ତମ, ପ୍ରୟୋଗଯୋଗ୍ୟ ପ୍ରକ୍ରିୟା ଓ ଅଭିନବତା ସଂପର୍କିତ ନବମ ଜାତୀୟ ଶିଖର ସମ୍ମିଳନୀକୁ ଉଦ୍‌ଘାଟନ କରିବା ଅବସରରେ ସେ ଏହା କହିଛନ୍ତି । ଶ୍ରୀ ନଡ୍ଡା କହିଛନ୍ତି, ଟି.ବି.ର ଭୟାବହତାକୁ ଦୃଷ୍ଟିରେ ରଖି ୨୦୩୦ ମସିହା ସୁଦ୍ଧା ଏହି ରୋଗକୁ ସଂପୂର୍ଣ୍ଣ ରୂପେ ମୂଳୋତ୍ପାଟନ କରିବା ଲାଗି ସମଗ୍ର ବିଶ୍ୱ ପ୍ରତିଜ୍ଞାବଦ୍ଧ ।

ଶ୍ରୀ ନଡ୍ଡା କହିଛନ୍ତି ୨୦୧୭ ମସିହାରେ କେନ୍ଦ୍ର ସରକାର ଏକ ନୂତନ ସ୍ୱାସ୍ଥ୍ୟନୀତି କାର୍ଯ୍ୟକାରୀ କରିବା ପରଠାରୁ ଏ କ୍ଷେତ୍ରରେ ଅନେକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ଏହାର ଫଳସ୍ୱରୂପ ଦେଶରେ ମାତୃ ମୃତ୍ୟୁହାର ବିଶ୍ୱସ୍ତରୀୟ ହାରଠାରୁ ପ୍ରାୟ ଦୁଇଗୁଣ ହ୍ରାସ ପାଇଛି । ସେହିଭଳି ଭାରତରେ ମ୍ୟାଲେରିଆ ରୋଗ ମଧ୍ୟ ଅନେକାଂଶରେ ନିୟନ୍ତ୍ରଣାଧୀନ ରହିଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି । ଶ୍ରୀ ନଡ୍ଡା କହିଛନ୍ତି, ଦେଶରେ କ୍ୟାନସର ରୋଗୀଙ୍କର ଚିକିତ୍ସା ଲାଗି ପ୍ରତ୍ୟେକ ଜିଲ୍ଲାରେ **ଡେ କେୟାର** କେନ୍ଦ୍ର ସ୍ଥାପନ କରାଯିବ, ଯେଉଁଠାରେ କି ଏହି ରୋଗ ନିରୂପଣ ହେବାର ୩୦ ଦିନ ମଧ୍ୟରେ ଚିକିତ୍ସା ଯୋଗାଇ ଦିଆଯିବ । ଶ୍ରୀ ନଡ୍ଡା କହିଛନ୍ତି ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଉଦ୍ଦେଶ୍ୟରେ ଗତ

୧୦ ବର୍ଷ ମଧ୍ୟରେ ଦେଶରେ ୨୨ଟି ଏମ୍ସ ହସପିଟାଲ ପ୍ରତିଷ୍ଠା ହୋଇଛି । ତୃଣମୂଳ ସ୍ତରରେ ସ୍ୱାସ୍ଥ୍ୟକର୍ମୀମାନଙ୍କର ସେବାକାର୍ଯ୍ୟ ଯୋଗୁଁ ଦେଶରେ ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ଆସିଥିବା କେନ୍ଦ୍ରମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ । ସେହି ସ୍ୱାସ୍ଥ୍ୟକ୍ଷେତ୍ରରେ ଓଡ଼ିଶାରେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ ଶ୍ରୀ ନଡ୍ଡା କହିଛନ୍ତି –

**V/O**

ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି, ରାଜ୍ୟରେ ଆୟୁଷ୍ମାନ ଯୋଜନା ଲାଗୁ ନେଇ ସରକାର ବୁଝାମଣାପତ୍ର କରିସାରିଥିବା ବେଳେ ଏହାଦ୍ୱାରା ଓଡ଼ିଶାବାସୀ ଉପକୃତ ହେବେ । ଓଡ଼ିଶା ଦେଶର ଅନ୍ୟ ରାଜ୍ୟ ତୁଳନାରେ ଟିକାକରଣ କ୍ଷେତ୍ରରେ ଆଗରେ ରହିଥିବାବେଳେ ରାଜ୍ୟରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପ୍ରତିଷ୍ଠା କରାଯାଇ ସରକାରଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଥିଲେ ।

ରାଜ୍ୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଏହି ସମ୍ମିଳନୀରେ ଯୋଗଦେଇ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଉନ୍ନତ ପଦକ୍ଷେପ ସ୍ୱରୂପ ସରକାର ରାଜ୍ୟର ପ୍ରତି ପଞ୍ଚାୟତରେ ଆରୋଗ୍ୟମନ୍ଦିର ସ୍ଥାପନ କରିବେ ବୋଲି ସୂଚନା ଦେଇଛନ୍ତି । ଉତ୍କର୍ଷ, ସୁସ୍ଥ ଓ ବିକଶିତ ଓଡ଼ିଶା ଗଠନ ନେଇ ଏହି ଦୁଇଦିନିଆ ଜାତୀୟ ସମ୍ମିଳନୀ

ସହାୟକ ହେବ ବୋଲି ମତ ପ୍ରକାଶ କରିଛନ୍ତି। ଏହି ସମ୍ମିଳନୀରେ ବିଭିନ୍ନ ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟ ସଚିବମାନେ ଯୋଗ ଦେଇଛନ୍ତି।

***Desk***

## ସୁଭଦ୍ରା ଯୋଜନା

ସୁଭଦ୍ରା ଯୋଜନାର ପ୍ରଥମ ପର୍ଯ୍ୟାୟର ଶେଷ ଓ ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ କିସ୍ତି ଟଙ୍କା ଆସନ୍ତା ୮ ତାରିଖ ଦିନ ବ୍ରହ୍ମପୁରଠାରେ ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ଆଜି ଭୁବନେଶ୍ୱରଠାରେ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀମତୀ ପରିଡ଼ା କହିଛନ୍ତି ବର୍ତ୍ତମାନ ସୁଦ୍ଧା ୯୮ ଲକ୍ଷ ହିତାଧିକାରୀ ସୁଭଦ୍ରା ଯୋଜନାରେ ସାମିଲ ହୋଇଥିବାବେଳେ ଯେଉଁମାନେ ମାର୍ଚ୍ଚ ୮ ତାରିଖରେ ଯୋଡ଼ିହେବେ ସେମାନଙ୍କୁ ଉଭୟ ପ୍ରଥମ ଓ ଦ୍ୱିତୀୟ କିସ୍ତି ସହାୟତା ରାଶି ମିଳିବ। ଏହାଦ୍ୱାରା ସୁଭଦ୍ରା ଯୋଜନାର ସୁଫଳ ୧ କୋଟି ମହିଳାଙ୍କ ନିକଟରେ ପହଞ୍ଚିବ ଏହାଦ୍ୱାରା ଏକସଙ୍ଗେ ୧ କୋଟି ମହିଳାଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରାଯାଇପାରିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଗଞ୍ଜାମ ଜିଲ୍ଲାରେ ଅନୁଷ୍ଠିତ ଏହି ଏହି ସ୍ୱତନ୍ତ୍ର ସମାରୋହରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାସହିତ ମୁଖ୍ୟମନ୍ତ୍ରୀ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି।

*Desk*

## ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ମାସ ୩ ତାରିଖ ସୋମବାର ଦିନ ଭୁବନେଶ୍ୱର ସ୍ଥିତ ତାଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ଆଜି ଦିନ ୧୧ଟାରୁ ଆରମ୍ଭ ହୋଇଛି। ଏଥିଲାଗି ସର୍ବାଧିକ ଏକହଜାର ବ୍ୟକ୍ତି ଜନଶୁଣାଣି ପୋର୍ଟାଲ ବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ପଞ୍ଜୀକରଣ କରିପାରିବେ। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଏହି ସୂଚନା ଦିଆଯାଇଛି।

*Sambalpur*

## ସମୀକ୍ଷା ବୈଠକ

ରାଜ୍ୟରେ ରାସନ କାର୍ଡ ପାଇବା ଲାଗି ପଞ୍ଜୀକରଣ କରିବା ନିମନ୍ତେ ହିତାଧିକାରୀମାନଙ୍କ ପାଇଁ ଆସନ୍ତାକାଲିଠାରୁ ପୋର୍ଟାଲ ଖୋଲିବ। ସମ୍ବଲପୁରଠାରେ ଖରିଫ ଧାନ କିଣାବିକା ନେଇ ଅନୁଷ୍ଠିତ ଏକ ସମୀକ୍ଷା ବୈଠକ ଅବସରରେ ଗଣମାଧ୍ୟମକୁ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ବାଦ୍ ପଡ଼ିଥିବା ନୂଆ ହିତାଧିକାରୀମାନେ ରାସନ କାର୍ଡ ପାଇଁ ଆବେଦନ କରିପାରିବେ। ଏପର୍ଯ୍ୟନ୍ତ ୪ ଲକ୍ଷ ମୃତ ବ୍ୟକ୍ତିଙ୍କ ନାମରେ ଥିବା ରାସନ କାର୍ଡକୁ ନାକଚ କରାଯାଇଛି। ଆଗକୁ ସର୍ଭେ କରାଯିବା ସହ ସମସ୍ତ ଅଯୋଗ୍ୟ

ହିତାଧିକାରୀଙ୍କୁ ଏହି ରାସନ କାର୍ଡ ବ୍ୟବସ୍ଥାରୁ ବାଦ୍ ଦିଆଯିବ। ଏଥିସହ ଶୂନ୍ୟ ଆୟକର ଦେଉଥିବା ବ୍ୟକ୍ତିଙ୍କର ରାସନ କାର୍ଡ ସର୍ଭେ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

***HS***

## ବୀର ସୁରେନ୍ଦ୍ର ସାଏ ଶ୍ରାଦ୍ଧବାର୍ଷିକୀ

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଆଜି ୧୪୧ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ବିଧାନସଭା ପରିସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ତାଙ୍କର ସ୍ମୃତିଚାରଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ ଏବଂ ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କ ସମେତ ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୀର ସୁରେନ୍ଦ୍ର ସାଏଙ୍କ ସ୍ମୃତିଚାରଣ କରି ସାମାଜିକ ଗଣମାଧ୍ୟମରେ କହିଛନ୍ତି ଭାରତୀୟ ସ୍ୱାଧୀନତା ସଂଗ୍ରାମର ମହାସଂଗ୍ରାମୀ ତଥା ଓଡ଼ିଶାର ବରପୁତ୍ର ବୀର ସୁରେନ୍ଦ୍ର ସାଏଙ୍କ ତ୍ୟାଗ, ନିଷ୍ଠା ଏବଂ ମାଟି ମାଆ ପ୍ରତି ତାଙ୍କର ଥିବା ଉତ୍ସର୍ଗୀକୃତ ମନୋଭାବ ସର୍ବଦା ଯୁବସମାଜକୁ ଅନୁପ୍ରାଣିତ କରିବ।

***Desk***

## ଉତ୍ତମ ମହାନ୍ତି

ପ୍ରଖ୍ୟାତ ଚଳଚ୍ଚିତ୍ର ଅଭିନେତା ଉତ୍ତମ ମହାନ୍ତିଙ୍କ ଆଜି ଭୁବନେଶ୍ୱର ସତ୍ୟନଗର ଶ୍ମଶାନଘାଟରେ ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ କରାଯିବ। ଲିଭର ସିରୋସିସ୍ ରୋଗରେ ପୀଡ଼ିତ ଥିବା ଉତ୍ତମଙ୍କର ଗତକାଲି ରାତିରେ ଗୁରଗାଓଁସ୍ଥିତ ଏକ ଘରୋଇ ହସପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ପରଲୋକ ଘଟିଥିଲା।

୧୯୭୭ ମସିହାରେ ସାଧୁ ମେହେରଙ୍କ ନିର୍ଦ୍ଦେଶିତ ଅଭିମାନ ଚଳଚ୍ଚିତ୍ରରୁ ନିଜର ଅଭିନୟ ଜୀବନ ଆରମ୍ଭ କରି ଉତ୍ତମ ମହାନ୍ତି ଏହି କ୍ଷେତ୍ରରେ ସଫଳତାର ଶୀର୍ଷକୁ ଛୁଇଁଥିଲେ। ୧୩୫ଠୁ ଅଧିକ ଓଡ଼ିଆ, ୩୦ଟି ବଙ୍ଗଳା ଓ ହିନ୍ଦୀ ଚଳଚ୍ଚିତ୍ର 'ନୟା ଜହର'ରେ ସଫଳତାର ସହ ଅଭିନୟ କରି ଉତ୍ତମ ଶ୍ରେଷ୍ଠ ଅଭିନେତା ଭାବେ ଏକାଧିକ ଥର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର, ୧୯୯୯ ମସିହାରେ ଜୟଦେବ ପୁରସ୍କାରରେ ସମ୍ମାନିତ ହୋଇଥିଲେ।

ଇତିମଧ୍ୟରେ ତାଙ୍କ ପାର୍ଥିବ ଶରୀର ଆସି ଭୁବନେଶ୍ୱରର ଜଗନ୍ନାଥବିହାରସ୍ଥିତ ତାଙ୍କ ବାସଭବନରେ ପହଞ୍ଚିସାରିଛି। ସେଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ତାଙ୍କର ଶେଷଦର୍ଶନ କରିଛନ୍ତି।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉତ୍ତମଙ୍କ ବିୟୋଗରେ ଶୋକପ୍ରକାଶ କରିବା ସହିତ ଏହାକୁ ଚଳଚ୍ଚିତ୍ର ଜଗତର ଏକ ଅପୂରଣୀୟ କ୍ଷତି ବୋଲି ଅଭିହିତ

କରିଛନ୍ତି। ଓଡ଼ିଆ ଚଳଚ୍ଚିତ୍ର ବିକାଶ କ୍ଷେତ୍ରରେ ଉତ୍ତମ ସର୍ବଦା ସ୍ମରଣୀୟ ହୋଇରହିବେ ବୋଲି ଶ୍ରୀମତୀ ମୁର୍ମୁ କହିବା ସହ ତାଙ୍କ ପରିବାରବର୍ଗ ଓ ପ୍ରଶଂସକଙ୍କୁ ସେ ସମବେଦନା ଜଣାଇଛନ୍ତି।

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ମଧ୍ୟ ଦୁଃଖପ୍ରକାଶ କରିବା ସହ ଉତ୍ତମଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି ଏବଂ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉତ୍ତମ ମହାନ୍ତିଙ୍କ ବିୟୋଗରେ ଦୁଃଖପ୍ରକାଶ କରିବା ସହ ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ପରିପୁଷ୍ଟ କରିବାରେ ତାଙ୍କ ଯୋଗଦାନ ଅତୁଳନୀୟ ବୋଲି କହିଛନ୍ତି।

***HS***

## ଛାତ୍ରୀନିବାସ ଉଦ୍‌ଘାଟନ

ସୁବର୍ଣ୍ଣପୁର ଜିଲ୍ଲାରେ ଶିକ୍ଷା ଓ ଶିକ୍ଷଣ ପ୍ରତିଷ୍ଠାନର ଛାତ୍ରୀନିବାସ ବଲାଙ୍ଗୀର ସାଂସଦ ସଙ୍ଗୀତା କୁମାରୀ ସିଂହଦେଓଙ୍କ ଦ୍ୱାରା ଆଜି ଉଦ୍‌ଘାଟିତ ହୋଇଯାଇଛି। ଏହି ଛାତ୍ରୀନିବାସ ୨୦୧୩-୧୪ରୁ ପ୍ରାୟ ୯୮ ଲକ୍ଷ ବ୍ୟୟ ଅଟକଳରେ ଆରମ୍ଭ ହୋଇ ସମ୍ପୂର୍ଣ୍ଣ ହୋଇଛି। ୩୦ ଶଯ୍ୟାବିଶିଷ୍ଟ ଏହି ଛାତ୍ରୀନିବାସ ଦ୍ୱାରା ବହୁ ଛାତ୍ରୀ ତଥା ଶିକ୍ଷୟିତ୍ରୀ ଉପକୃତ ହେବେ ବୋଲି ଆୟୋଜିତ ସଭାରେ ସାଂସଦ ଶ୍ରୀମତୀ ସିଂହଦେଓ କହିଛନ୍ତି। ଅଧ୍ୟକ୍ଷ ରାମଚନ୍ଦ୍ର ବାଗ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ଅନନ୍ୟା ଦାଶ,

ଉପଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସମେତ ବିଡିଓ, ଛାତ୍ରଛାତ୍ରୀ ପ୍ରମୁଖ ଯୋଗଦେଇଥିଲେ।

***HS***

## ଚୁଡ଼ାପାଲି ପଞ୍ଚାୟତକୁ ବ୍ଲକ ମାନ୍ୟତା ଦାବି

ବଲାଙ୍ଗୀର ଜିଲ୍ଲା ଚୁଡ଼ାପାଲି ପଞ୍ଚାୟତକୁ ବ୍ଲକ ମାନ୍ୟତା ଦାବିରେ ଚୁଡ଼ାପାଲି ବ୍ଲକ କ୍ରିୟାନୁଷ୍ଠାନ କମିଟିର ଏକ ପ୍ରତିନିଧି ଦଳ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କୁ ସାକ୍ଷାତ କରିଛନ୍ତି। ବ୍ଲକ ପୁନର୍ଗଠନରେ ଚୁଡ଼ାପାଲି ଗ୍ରାମପଞ୍ଚାୟତକୁ ସାମିଲ କରିବା ଏବଂ ବ୍ଲକ ଗଠନର ଆବଶ୍ୟକ ଭିତ୍ତିଭୂମି ସମ୍ପର୍କରେ ଆଲୋଚନା କରି ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଏହି ପ୍ରତିନିଧି ଦଳ ସାକ୍ଷାତ କରି ଚୁଡ଼ାପାଲିକୁ ବ୍ଲକ ଗଠନର ଦାବିପତ୍ର ମଧ୍ୟ ପ୍ରଦାନ କରିଥିଲେ।